## ସଂକ୍ଷେପରେ

### ମା'ଠାରୁ ଶୃଙ୍ଖଳା ଶିଖେ ଶିଶୁ

**ବଇଣ୍ଡା,୧୫।୧୧(ଡି.ଏନ.ଏ.):** ଶିଶୁଟିଏ ଭଲ ମଣିଷ ହେବାକୁ ହେଲେ ପ୍ରଥମେ ମା'ର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସବୁକ୍ଷେତ୍ରରେ ମା' ଶିଶୁମାନଙ୍କୁ ସଂସ୍କାର ଶିକ୍ଷା ଦେଇଥାଏ। ତେଣୁ ପ୍ରଥମେ ମା' ଶୃଙ୍ଖଳିତ ହେଲେ ଶିଶୁ ଶୃଙ୍ଖଳିତ ହେବ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ପରିସରରେ ଅନୁଷ୍ଠିତ ମାତୃ କର୍ମଶାଳାରେ ଅତିଥିମାନେ ଏହା କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସସ୍ମିତା ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସଭାପତି ସନାତନ ସାହୁ, ସମ୍ପାଦକ ନିତ୍ୟାନନ୍ଦ ବାରିକ ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣା ରାଉତ ପରିଚାଳନା କାର୍ଯ୍ୟକ୍ରମ କରିଥିବାବେଳେ ମୀନାକ୍ଷୀ ପ୍ରଧାନ, ରତ୍ନମଞ୍ଜରୀ ସାହୁ, ଶୁଭଶ୍ରୀ ସାହୁ, ମୋନାଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୫୦ ଜଣ ମା' ଯୋଗ ଦେଇଥିଲେ।

### 'ଉତ୍କଳ ଭାରତ ବିଜେଡିର ବିକଳ୍ପ'

**ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ମେଡିକାଲ ଛକ ନିକଟରେ ଉତ୍କଳ ଭାରତ ଦଳ ପକ୍ଷରୁ ଓଡ଼ିଶା ଭାଗ୍ୟ ପରିବର୍ତ୍ତନ ଯାତ୍ରାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଭାରତ ରାଜ୍ୟ ସଭାପତି ଖାରବେଳ ସ୍ୱାଇଁ, ନାରୀ ଉତ୍କଳ ଭାରତର ରାଜ୍ୟ ସଭାନେତ୍ରୀ ସାବିତ୍ରୀ ଜେନା, କେନ୍ଦ୍ରାପଡା ଜିଲା ଦଳିତ ଉତ୍କଳ ଭାରତ ସଭାପତି ସବୁଜ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜୟ ଦାଶ, ଅନୁଗୋଳ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। ଏହି ଅବସରରେ ସ୍ୱାଇଁ କହିଥିଲେ, ଏ ଦଳ ବିଜେଡିର ବିକଳ୍ପ ପାଇଁ ପ୍ରତିବଦ୍ଧ। ରାଜ୍ୟରେ ବିଜେଡି ସରକାର ୧୮ ବର୍ଷ ହେଲା ଶାସନ କରୁଥିଲେ ମଧ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ତାଙ୍କ ଦଳ କ୍ଷମତାକୁ ଆସିଲେ ରାଜ୍ୟରେ ବଡ଼ ପରିବର୍ତ୍ତନ ଘଟିବ ବୋଲି ସେ ମତବ୍ୟକ୍ତ କରିଥିଲେ।

### ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ଗୁରୁ

**ବଅାଁରପାଳ, ୧୫।୧୧(ଡି.ଏନ୍.ଏ.):** ମହାନ ଜନନାୟକ ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୟନ୍ତୀର ସ୍ମୃତିଚାରଣ କରି ବୁଧବାର ସାରା ଦେଶ ପାଳନ କରୁଛି ଶିଶୁ ଦିବସ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମିଷ୍ଟାନ୍ନ ବାଣ୍ଟି, ଉପହାର ଦେଇ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଗୁରୁଜନ।

ନାଲ୍କୋ ସରସ୍ୱତୀ ବିଦ୍ୟା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ଦେବବ୍ରତ ମହାପାତ୍ର, ସ୍କୁଲ ଅଧକ୍ଷ ଡ. ଶତ୍ରୁଘ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପିଲାଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଦଙ୍ଗଲଗଡ଼ିଆ ଗ୍ରାମକୁ ପୋଷ୍ୟ ଗ୍ରାମ ଘୋଷଣା

**ସୋର,୧୫।୧୧(ଡି.ଏନ.ଏ.):** ସୋର ମ୍ୟୁନିସିପାଲଟିର ୩ ନଂ. ୱାର୍ଡର ଦଙ୍ଗଲଗଡ଼ିଆ ଗ୍ରାମକୁ ସ୍ଥାନୀୟ ରୋସିଆ ସଙ୍ଗଠନ ପକ୍ଷରୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଜନଜାତି ସମ୍ପ୍ରଦାୟ ବହୁଳ ଏହି ଗ୍ରାମର ସାମାଜିକ , ଅର୍ଥନୈତିକ ଓ ପିଲାମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ସହଯୋଗ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଙ୍ଗଠନର ମୁଖ୍ୟ ଜଳେନ୍ଦ୍ର ମହାଳିକ ଏହାକୁ ପରିଚାଳନା କରିଥିଲେ। ଗ୍ରାମର ମୋଟ ଲୋକସଂଖ୍ୟା ୨୭୦। ସଙ୍ଗଠନ ତରଫରୁ ଶନିବାର ଓ ରବିବାର ସମସ୍ତ ଶିଶୁଙ୍କୁ ମାଗଣାରେ ଶିକ୍ଷାଦାନ ଦିଆଯିବା ସହିତ ସଚେତନ କରାଯିବ। ସୁମତୀ ଦାସ, ନେତ୍ରାନନ୍ଦ ରାଉତ, ରମେଶ ଲେଙ୍କା, ଜୟବ୍ରତ ବାନାର୍ଜି ପ୍ରମୁଖ ଯୋଗଦେଇ ଗ୍ରାମର ସମସ୍ୟା କହିଥିଲେ। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର କର୍ମକର୍ତ୍ତା ଦେବୀଦତ୍ତ ନାୟକ, ସୁଶାନ୍ତ କୁମାର ବେହେରା, ସୁକାନ୍ତ ନାୟକ, ଅନୁରାଗ ବାରିକ, ଜ୍ୟୋତି ପ୍ରକାଶ ପାତ୍ର, ଅଭିଜିତ୍ ମହାପାତ୍ର, ନବଜ୍ୟୋତି ପାଣିଗ୍ରାହୀ ଓ ବାପୁନୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ମନ୍ଦିର ପରିଚାଳନା କାର୍ଯ୍ୟନିର୍ବାହୀ କମିଟି ବୈଠକ

# ସ୍ନାନ ମଣ୍ଡପ ନବୀକରଣ ଖୁବ୍‌ଶୀଘ୍ର

**ଅନୁଗୋଳ ଅଫିସ,୧୫।୧୧**

ଅନୁଗୋଳ ଶୈଳଶୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଅନୁଷ୍ଠିତ ରଥଯାତ୍ରା ଓ ବିଭିନ୍ନ ପୂଜା କାର୍ଯ୍ୟ ପାଇଁ ସଂଗ୍ରହ ଅର୍ଥର ବିନିଯୋଗ ସମ୍ପର୍କରେ କାର୍ଯ୍ୟନିର୍ବାହୀ କମିଟିର ସମୀକ୍ଷା ବୈଠକ ଗୁରୁବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଓ ଏହାର ସମସ୍ତ ପ୍ରକାର ରୀତିନୀତି ସୂଚାରୁରୂପେ ସମ୍ପନ୍ନ ହୋଇଥିବାରୁ ଜିଲାପାଳ ସନ୍ତୋଷ ପ୍ରକାଶ କରିଥିଲେ। ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ଭିତରେ ବିଭିନ୍ନ ସୂତ୍ରରୁ ୩୭ ଲକ୍ଷ ୫୨ ହଜାର ୭୦୯ ଟଙ୍କା ଆୟ ହୋଇଥିବା ବେଳେ ୩୩ ଲକ୍ଷ ୫୦ ହଜାର ୪୯୬ ଟଙ୍କା ବ୍ୟୟ ହୋଇଛି। ସେହିପରି ରଥଯାତ୍ରା ପରିଚାଳନା ନିମନ୍ତେ ୧୩ ଲକ୍ଷ ୨୬ ହଜାର ୨୦୪ ଟଙ୍କା ଖର୍ଚ୍ଚ ହୋଇଛି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଜଣେ ଭକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୩ ଲକ୍ଷ ଟଙ୍କା ବ୍ୟୟରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ହସ୍ତପାଦ ପ୍ରକ୍ଷାଳନ ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ। ସ୍ନାନ ମଣ୍ଡପ ନବୀକରଣ ଓ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଗେଟ୍, ପାଚେରି ନିର୍ମାଣ ଯଥାଶୀଘ୍ର ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଥିଲେ। ରଥକାଠ ସଂଗ୍ରହରେ ସହଯୋଗ କରିଥିବା ସମ୍ପୃକ୍ତ ଗ୍ରାମର ସଭାପତି ଓ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ପରିଚାଳନା ସମିତିର ନିଃଶୁଳ୍କ ସଦସ୍ୟ ଭାବେ ଗ୍ରହଣ କରାଯିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ମନ୍ଦିର ପରିଚାଳନା କମିଟି ଉପସଭାପତି ତଥା ବିଶେଷ ପୂଜା କମିଟି ଅଧକ୍ଷ ଭବାନୀ ପ୍ରସାଦ ମିଶ୍ର, ଅନ୍ୟତମ ଉପସଭାପତି ଗଗନ ବିହାରୀ ନନ୍ଦ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧକ୍ଷ ଅଟଳ ବିହାରୀ ହୋତା, ସଦସ୍ୟ ପରମାନନ୍ଦ ମିଶ୍ର, ଭକ୍ତିପ୍ରସାଦ ଦାସ, ପର୍ଶୁରାମ ଦାସ, ଜଗଦିଶ୍ ସରଳିଆ, ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳ ଅନିଲ କୁମାର ସାମଲଙ୍କ ସମେତ ଅନ୍ୟ ଅଧିକାରୀମାନେ ।



ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

## ଅଧ୍ୟୟନରେ ନିଷ୍ଠା ରଖିବାକୁ ପରାମର୍ଶ

**ତାଳଚେର,୧୫।୧୧(ନି.ପ୍ର.)**

ତାଳଚେର ବ୍ଲକ କଙ୍କିଳି ଭାରତୀ ହାଇସ୍କୁଲର ୨୭ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ମୁଖ୍ୟବକ୍ତା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ବିରଞ୍ଚି ନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଅନୁମପା ପ୍ରଧାନ, କଙ୍କିଳି ସରପଞ୍ଚ ସୁଧାକର ଦାସ, ସମିତି ସଭ୍ୟା ପ୍ରମିଳା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଗୁଣାତ୍ମକ ମାନର ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରୀଛାତ୍ରମାନେ ନିଷ୍ଠାର ସହ ଅଧ୍ୟୟନ କରି ସ୍କୁଲର ସୁନାମ ବଜାୟ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ, ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ।

## ୫୨ ୟୁନିଟ୍ ରକ୍ତ ସଂଗ୍ରହ



**ତାଳଚେର,୧୫।୧୧(ନି.ପ୍ର.)**

ଜାତୀୟ ପ୍ରେସ ଦିବସ ଉପଲକ୍ଷେ ତାଳଚେର ୱାର୍କିଙ୍ଗ ଜର୍ନାଲିଷ୍ଟ ଆସୋସିଏସନ ପକ୍ଷରୁ ଗୁରୁବାର ଏକ ରକ୍ତଦାନ ଶିବିର ସ୍ଥାନୀୟ ସଭାଘରଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବିଡିଓ ନେତ୍ରାନନ୍ଦ ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ତାଳଚେର ଉପଖଣ୍ଡ ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସଭାପତି ଆର୍ତ୍ତତ୍ରାଣ ପାଣି, ସାଧାରଣ ସମ୍ପାଦକ ଧୀର ମୋହନ ରାୟ, ମଦନ ସାହୁ, ସୌଭାଗ୍ୟ ନାୟକ, ମନିଲ ମହାରଣା, ଅଜୟ ନାୟକ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ବଳରାମ ପତି ଓ ଅନ୍ୟମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଯୁବପିଢ଼ି ଏକଜୁଟ୍ ହେଲେ କୁସଂସ୍କାର କମିବ

**ଭୁବନ,୧୫।୧୧(ଡି.ଏନ.ଏ.)**

ଭୁବନ ବ୍ଲକ ଭୁଷଳ ସ୍ୱାମୀ ତ୍ରିଗୁଣାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର 'ମୁଁ ହିରୋ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀର ଭୁଷଳ ପଞ୍ଚାୟତର ସଭାପତି ନିର୍ମଳ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇ କହିଲେ, ଯୁବପିଢ଼ି ଏକଜୁଟ୍ ହେଲେ ସମାଜରୁ କୁସଂସ୍କାର ଦୂର ହେବ। ତା ସଙ୍ଗେସଙ୍ଗେ ଦେଶର ଉନ୍ନୟନମୂଳକ କାର୍ଯ୍ୟ ମଧ ଠିକ୍ ଭାବେ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁଧାକର ସାହୁ, ପଙ୍କଜ ନାୟକ ଯୋଗଦେଇ ଯୁବସମାଜଙ୍କ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଡିଓ ବସନ୍ତ କୁମାର ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ବାହିନୀର ସଂଯୋଜକ ମୈତ୍ରୀ ରଞ୍ଜନ ଜେନା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଦାସରଥୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିଶ୍ରମ ସଫଳତା ଆଣିଦେବ




ଶିଳ୍ପୋଦ୍ୟୋଗୀ ଆକାଶ କୁମାର ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା,୧୫।୧୧(ଡି.ଏନ.ଏ.)**

ସମସ୍ତଙ୍କର ଆସ୍ଥା ଭାଜନ ହୁଅ। କଠିନ ପରିଶ୍ରମ କର। ଏହା ହିଁ ଭବିଷ୍ୟତରେ ସଫଳତା ଆଣିଦେବ। ରୋଜଗାରକ୍ଷମ ହେବା ପାଇଁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଇ ଦିଆଯାଉଛି। ଠିକ୍ ସମୟରେ ଋଣ ନେଇ ପରିଶୋଧ କରିପାରିଲେ ଜଣେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ସତ୍ୟନାରାୟଣ ଆଇଟିଆଇ ପରିସରରେ ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଆଇଟିଆଇର ଅଧକ୍ଷ ପ୍ରିୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଗଗନ ବିହାରୀ ନାୟକ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ ଦୟାସାଗର ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଇଣ୍ଡା ଅଞ୍ଚଳର ଶ୍ରେଷ୍ଠ ଶିଳ୍ପୋଦ୍ୟୋଗୀ ଭାବରେ ଆକାଶ କୁମାର ଦେହୁରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ



ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ।

**ଢେଙ୍କାନାଳ ଅଫିସ,୧୫।୧୧**

ଜବାହର ଲାଲ୍ ନେହେରୁଙ୍କ ଜୟନ୍ତୀ ଅବସରରେ ନେହେରୁ ଯୁବ କେନ୍ଦ୍ର ଢେଙ୍କାନାଳ ଓ ସାରିଆଁ ଗ୍ରାମର ଯୁବକ ସଂଘ ମିଳିତ ସହଯୋଗରେ ସ୍ଥାନୀୟ କୋଠ ଘରେ ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ସହ ସଂଯୋଜିକା ରିତାଶାନ୍ତି ଡୁଙ୍ଗଡୁଙ୍ଗ, ସ୍ୱେଚ୍ଛାସେବୀ ସୁଚିତ୍ର ବେହେରା, ସମାଜସେବୀ କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ରୁଦ୍ର ନାରାୟଣ ବେହେରା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଦିଲୀପ ସେଠୀ ପ୍ରଥମ, ଜୀବନଜ୍ୟୋତି ନାୟକ ଦ୍ୱିତୀୟ, ଅଶ୍ୱିନୀ ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସଂଘର ସଭାପତି ରଞ୍ଜନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସିଆରିଆ-ମହୁଲିଆପଶି ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ପବିତ୍ରନଗର,୧୫।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର ଡେରାଗୋଳା ଛକଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସିଆରିଆ-ମହୁଲିଆପଶି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗଦେଇ ଏହାର ଶୁଭ ଦେଇଥିଲେ। ଏହି ରାସ୍ତା ନିର୍ମାଣ ହେଲେ ୩ରୁ ଉର୍ଦ୍ଧ୍ୱ ଗ୍ରାମ ୧୪୯ ନଂ. ଜାତୀୟ ରାଜପଥ ସହ ଯୋଡ଼ି ହେବ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସହକାରୀ ଯନ୍ତ୍ରୀ କୁମୁଦଚନ୍ଦ୍ର ବେହେରା, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ପୂର୍ବତନ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପୂର୍ବତନ ସରପଞ୍ଚ ଅଜିତ କୁମାର ପ୍ରଧାନ, ସିଆରିଆ ଗ୍ରାମ ସଭାପତି ନରୋତ୍ତମ ପ୍ରଧାନ, ଶ୍ୟାମ ସୁନ୍ଦର ସାହୁ, ବୁଦ୍ଧିମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରାସ୍ତା କାମ ପାଇଁ ୧ କୋଟି ୨୬ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି।

## ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା

**ଢେଙ୍କାନାଳ ଅଫିସ,୧୫।୧୧**

ଢେଙ୍କାନାଳ ସୁନ୍ଦରିଖାଲ ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ୩୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ପ୍ରେସ୍ କ୍ଲବ ସଭାପତି ଶଶିମୌଳିରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କ୍ଷେତ୍ରବାସୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ମିଲୁ ଚରଣ ଦେହୁରୀ ଧନ୍ୟବାଦ ଦେଇଥିଲେ। ଚିନ୍ତାମଣି ନାଥ, ନିରଞ୍ଜନ ବେହେରା, ଭଗବାନ ଦାସ, ପ୍ରଶାନ୍ତ ସାହୁ, ସଞ୍ଜୀବ ମିଶ୍ର, ଉଷାରାଣୀ ଦାସ, କନକଲତା ପ୍ରଧାନ, ପ୍ରତିଭା ଦାସ, ଅରୁନ୍ଧତି ମହାପାତ୍ର, ସସ୍ମିତା ରଥ, ଜ୍ୟୋତ୍ସ୍ନାମୟୀ ମିଶ୍ର ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଶିଶୁଙ୍କୁ କର୍ତ୍ତବ୍ୟ, ଅଧିକାର ଜ୍ଞାନ ମିଳିବା ଜରୁରୀ

**ଢେଙ୍କାନାଳ ଅଫିସ,୧୫।୧୧**

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲଠାରେ ଲକ୍ଷ୍ମୀ ଅନୁଷ୍ଠାନ ପକ୍ଷରୁ ବୁଧବାର ଶିଶୁ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ କହିଲେ ଯେ, ଆଜିର ଶିଶୁ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କୁ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କିତ ଜ୍ଞାନ ଉପରେ ସଚେତନ କରାଇବା ସମସ୍ତଙ୍କ ଦାୟିତ୍ୱ । ଲକ୍ଷ୍ମୀ ସଂସ୍ଥାର ନିର୍ଦ୍ଦେଶକ ଭରତ ଭୂଷଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରିନ୍ସିପାଲ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କୁ ଏକ ସୁନାଗରିକ ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଦୁର୍ଗାଚରଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ର ସନ୍ଦୀପ ସୁଦର୍ଶନ ରଣା, ପାଦିଲାମ ଯେସୁଲମ, ପାରୁଲ ମିଶ୍ର ଓ ରାମନାଥ ପାତ୍ର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।



ଶିଶୁ ପ୍ରତିଭା ମହୋତ୍ସବରେ ଜଣେ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

### ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅାଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ୩ କୋର୍ଟ ଚାଲାଣ, ଟଙ୍କା ଜବତ

**ଅନୁଗୋଳ ଅଫିସ,୧୫।୧୧:** ଅନୁଗୋଳର କୁରୁଡୁଲୁ ଠାରେ ଥିବା ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ କରିଥିବା ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନଙ୍କ ଠାରୁ ଲୁଟ ହୋଇଥିବା ୨ ହଜାର ୪ ଶହ ୮୫ ଟଙ୍କା ପୋଲିସ ଜବତ କରିଛି। ଅନୁଗୋଳ ପୋଲିସ ନଂ. ୭୯୦/୧୮ରେ ମାମଲା ରୁଜୁ କରି ନୂଆପଡ଼ା ଅଞ୍ଚଳର ସିଲୁ ସାହୁ, ସୁନିଲ ଦେହୁରୀ, ଦୃପେଶ ବେହେରାଙ୍କୁ କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଏକ ମଟରସାଇକେଲରେ ୩ ଜଣ ଯୁବକ ଆସି ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ତେବେ ଫେରାର ସମୟରେ ପଡ଼ିଯିବାରୁ ଲୁଟେରାମାନେ ଯାଇ ନ ପାରି ଗୁରୁବାର ସକାଳୁ ମନ୍ଦିରରୁ କିଛି ଦୂରରେ ଥିବା ଏକ ଜାମୁ ଗଛ ମୂଳେ ବସି ଟଙ୍କା ଭାଗ ବାଣ୍ଟ କରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା।

### ନୂତନ ଜିଲା ଦୌରାଜଜଙ୍କ ଯୋଗଦାନ

**ଅନୁଗୋଳ ଅଫିସ,୧୫।୧୧:** ଅନୁଗୋଳରେ ନୂତନ ଜିଲା ଦୌରାଜଜ୍ ଭାବେ ଅଶାନ୍ତ କୁମାର ଦାସ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅନୁଗୋଳ ବାର୍ ଆସୋସିଏଶନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆସୋସିଏଶନ ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦୌରାଜଜ୍‌ଙ୍କୁ ଭେଟିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ନୂତନ ଜିଲା ଦୌରାଜଜ୍ ଭାବେ ଯୋଗ ଦେଇଥିବା ଦାସ ପୂର୍ବରୁ ନୟାଗଡ଼ ଜିଲା ଦୌରଜଜ୍ ଭାବେ କାର୍ଯ୍ୟ କରୁଥିଲେ।

■ଆଇସିଡିଏସ୍‌ର ଜିଲାସ୍ତରୀୟ ସମୀକ୍ଷା ବୈଠକ

# ଅପପୁଷ୍ଟି ମୁକାବିଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ

**ଅନୁଗୋଳ ଅଫିସ,୧୫।୧୧**


ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

ଅଇସିଡିଏସ୍‌ର ଜିଲାସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂରେଇ ଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଶେଷକରି ପାଲଲହଡ଼ା ଦୁର୍ଗମ ଅଞ୍ଚଳରେ ଅଧିକ ସଂଖ୍ୟାରେ ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କ ସଂଖ୍ୟା କିପରି କମାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତି ୩ ମାସରେ ଥରେ ସେହି ସ୍ଥାନରେ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା କମାଇବା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କୁ ଏନ୍‌ଆରସିକୁ ପ୍ରେରଣ କରିବା, ଦୁର୍ଗମ ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ସିଡିପିଓ ଓ ସୁପରଭାଇଜରମାନେ ନିୟମିତ ପରିଦର୍ଶନ କରିବା ଏବଂ ସମସ୍ତ ଆଇସିଡିଏସ୍ ସେବାକୁ ତ୍ୱରାନ୍ୱିତ ଭାବେ ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ମମତା ଯୋଜନାର ହିତାଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ପ୍ରଦାନ କରିବାକୁ ଜିଲାପାଳ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତିର ଦଳଗୁଡ଼ିକ କିପରି ଆୟ ଉପାର୍ଜନ କାର୍ଯ୍ୟକ୍ରମ ଗୁଡ଼ିକରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ ଓ ସୁଷମ ଖାଦ୍ୟ ପ୍ରଦାନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତିଲୋଚନା ପ୍ରଧାନ, ଜେଏସ୍‌ପିଏଲ୍‌ର ଜିଏମ୍(ସିଏସ୍‌ଆର୍) ପୁଷ୍ପଲତା ଶତପଥୀ, ଏଡିଏମ୍ (ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁଙ୍କ ସମେତ ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ତାମଡା କର୍ମଚାରୀଙ୍କ ବିରୋଧରେ ଜବରଦଖଲ ଅଭିଯୋଗ ଘଟଣା

# ହୋଇପାରିଲାନି ମାପଚୁପ, ଫେରିଆସିଲା ଟିମ୍

**ଅନୁଗୋଳ ଅଫିସ,୧୫।୧୧**

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ତାମଡା)ର ଜଣେ କର୍ମଚାରୀଙ୍କ ବିରୋଧରେ ତାମ୍ରିତ କଲୋନୀ ଅଞ୍ଚଳର ଜମି କିଣିଥିବା ସ୍ୱର୍ଗତ ନାରାୟଣ ପ୍ରସାଦ ମହାନ୍ତିଙ୍କ ସ୍ତ୍ରୀ ଜବରଦଖଲ ଅଭିଯୋଗ ଆଣିଥିଲେ। ତାମଡା ସଚିବ ବୈଦୁରା ଦୀପ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମାପଚୁପ ପାଇଁ ଗୁରୁବାର ଏକ ସ୍କ୍ୱାଡ୍‌କୁ କଲୋନୀକୁ ପଠାଇଥିଲେ। ହେଲେ ଜବରଦଖଲ ଅଭିଯୁକ୍ତ କର୍ମଚାରୀ ଜଣକ ଘରେ ନ ଥିବାରୁ ଘଟଣାସ୍ଥଳକୁ ଯାଇଥିବା ୫ଜଣିଆ ସ୍କ୍ୱାଡ୍ ମାପଚୁପ କରି ନ ପାରି ଫେରି ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭିଯୋଗକାରୀ ମହିଳା ଏ ନେଇ ପୋଲିସର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ପ୍ରକାଶ ଯେ, ତାମଡା ସଚିବଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପୂର୍ବାହ୍ନରେ ୫ ଜଣିଆ ସ୍କ୍ୱାଡ୍ ତାମ୍ରିତ କଲୋନୀରେ ପହଞ୍ଚି ଥିଲେ। କିନ୍ତୁ ଅଭିଯୁକ୍ତ ତାମଡା କର୍ମଚାରୀ ଘରେ ନ ଥିବାରୁ ମାପଚୁପ ହୋଇପାରିବ ନାହିଁ ବୋଲି ତାଙ୍କ ସ୍ତ୍ରୀ କହିଥିଲେ। ଅଭିଯୋଗକାରୀମାନେ ଅଭିଯୁକ୍ତ କର୍ମଚାରୀ ଘରେ ଥିବା ଦାବି କରିଥିଲେ ବି ସ୍କ୍ୱାଡ୍ ଘଟଣାସ୍ଥଳରୁ ଫେରି ଯାଇଥିଲେ। ଅନ୍ୟପକ୍ଷରେ ବୁଧବାର ହୋଇଥିବା ବୈଠକରେ ସଚିବ ସମ୍ପୃକ୍ତ ଅଭିଯୁକ୍ତ କର୍ମଚାରୀଙ୍କୁ ମାପଚୁପ ବେଳେ ଉପସ୍ଥିତ ରହିବାକୁ ଓ ସ୍କ୍ୱାଡ୍‌କୁ ତଦନ୍ତରେ ସହଯୋଗ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏ ନେଇ ଅଭିଯୋଗକାରୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସଚିବ କହିଛନ୍ତି, ଶୁକ୍ରବାର ଠାରୁ ସମ୍ପୃକ୍ତ କର୍ମଚାରୀ ଛୁଟିରେ ରହିବା ପାଇଁ ଆବେଦନ କରିଛନ୍ତି। କିନ୍ତୁ ଗୁରୁବାର ଛୁଟିରେ ରହିବା କଥା ଜାଣି ନ ଥିବା ସଚିବ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ପଦ୍ମପୁର, ୧୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ଅଞ୍ଚଳର ଏକ ଚିଙ୍ଗୁଡ଼ି ଫାର୍ମରେ କାର୍ଯ୍ୟ କରୁଥିବା ଶ୍ରମିକ ସୁବାସ ଗିରି ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି । ଫାର୍ମରେ ବୁଧବାର ଅପରାହ୍ନରେ ସୁବାସ ଲୁହା ପାଇପ୍ ଉଠାଉଥିବା ବେଳେ ଫାର୍ମ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ସୁବାସଙ୍କ ଘର ମୟୂରଭଞ୍ଜ ଜିଲାରେ।

## ପୂର୍ବତନ ମୁଖ୍ୟ ବିଚାରପତିଙ୍କ ବିୟୋଗରେ ଶୋକ

**ଅନୁଗୋଳ ଅଫିସ,୧୫।୧୧**

ଅନୁଗୋଳ ଓକିଲ ସଂଘର ଏକ ସାଧାରଣ ପରିଷଦ ବୈଠକ ସଂଘ ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ଧରି ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଗୁରୁବାରଠାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ ସଂଘର ବରିଷ୍ଠ ସଭ୍ୟ ଦାଶରଥି ସାହୁ ଓ ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଶୈଳେନ୍ଦ୍ର ନାଥ ଫୁକନଙ୍କ ପରଲୋକରେ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଥିଲା। ସେହିପରି ବୁଗୁଡ଼ା ଥାନାରେ ଆଇନଜୀବୀଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ ସହ ଦୃଢ଼ ନିନ୍ଦା କରିଥିଲେ। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭ୍ୟମାନେ ଦାବି କରିଥିଲେ। ଉପସଭାପତି ମମତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଦୁଇ ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ ଯୋଗ ଦେଇଥିଲେ।

# କୃଷକ ସଙ୍ଗଠନର ପ୍ରତିବାଦ ସଭା


ପରଜଙ୍ଗ ଥାନା ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ପରଜଙ୍ଗ/ଭୁବନ,୧୫।୧୧(ଡି.ଏନ.ଏ.)**

ପ୍ରାଇସ୍, ପ୍ରେଷ୍ଟିଜ, ପେନ୍‌ସନ ଦାବିରେ ଗୁରୁବାର ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସମ୍ମୁଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲା ସଂଯୋଜକ ରବି ନାରାୟଣ ପଣ୍ଡା ଏବଂ ସହ ସଂଯୋଜକ ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ଚାଷୀ ଥାନା ସମ୍ମୁଖରେ ଧାରଣା ଦେଇ ବିଭିନ୍ନ ନାରାବାଜି କରିଥିଲେ। ଚାଷୀ ନିରାକାର ପ୍ରଧାନ, ଦିଲୀପ ନାଥ, ଆଇନଜୀବୀ ରମେଶ ବେହେରା, କଂଗ୍ରେସ କର୍ମୀ ଲକ୍ଷ୍ମୀଧର ନାୟକ, ପ୍ରଭାକର ରାଉଳ, ଉଗ୍ରସେନ ବେହେରା, ଜୟନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ଷୋଭ ଚାଲିଥିଲା। ଚାଷୀମାନଙ୍କୁ ମାସିକ ୫ ହଜାର ଟଙ୍କା ପେନ୍‌ସନ ବ୍ୟବସ୍ଥା କରାଯିବା ଦାବିରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଭୁବନ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଥାନାରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନବ ନିର୍ମାଣ ଢେଙ୍କାନାଳ ଜିଲା ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, କାମାକ୍ଷାନଗର ଉପଖଣ୍ଡ ସଭାପତି ଭାଗିରଥି ଜେନା, ବରିଷ୍ଠ କର୍ମକର୍ତ୍ତା ଘନଶ୍ୟାମ ମାଝୀ, ବ୍ରଜବନ୍ଧୁ ରାଉତ, ନିମାଇଁ ଚରଣ ମଲିକ, କୋଦଣ୍ଡ ଧର ପାତ୍ର, ଧରଣିଧର ତରାଇ, ପୂର୍ଣ୍ଣଚନ୍ଦ୍ର ସାହୁ, ସତ୍ୟାନନ୍ଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ତାଣ୍ଡବ ରଚିଲେ ଝାଡ଼ଖଣ୍ଡ ହାତୀ

**ସଜନାଗଡ଼,୧୫।୧୧(ଡି.ଏନ.ଏ.)**


ଚାଷଜମିରେ ହାତୀପଲ।

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ବୁଧବାର ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ୪୪ରୁ ଊର୍ଦ୍ଧ୍ୱ ହାତୀ ପ୍ରବେଶ କରିଥିଲେ। ଗୁରୁବାର ଭୋର୍ ସମୟରେ ମୟୂରଭଞ୍ଜରେ ରହିଯାଇଥିବା ଅନ୍ୟ ଏକ ଦଳର ୧୪ରୁ ଊର୍ଦ୍ଧ୍ୱ ହାତୀ ଆସି ଗୋପାଳପୁର ଜଙ୍ଗଲରେ ପ୍ରବେଶ କରିଛନ୍ତି। ଏକାଥରେ ଏତେସଂଖ୍ୟକ ହାତୀଙ୍କ ପ୍ରବେଶ ଯୋଗୁ ବନାଞ୍ଚଳବାସୀଙ୍କ ଭୟଭୀତ ହୋଇପଡିଛନ୍ତି। ଅନ୍ୟପକ୍ଷରେ ହାତୀ ଘଉଡ଼ାଇବା ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ହାତୀଙ୍କ ଉପଦ୍ରବ ଏକପ୍ରକାର ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଗତ ୧୬ଦିନ ତଳେ ଉକ୍ତ ଅଞ୍ଚଳକୁ ଅନ୍ୟ ଏକ ହାତୀପଲ ଆସି ବ୍ୟାପକ କ୍ଷତି ଘଟାଇଥିଲେ। ପୁଣିଥରେ ହାତୀପଲ ଫେରିବା ଯୋଗୁ ଲୋକେ ଅତିଷ୍ଠ ହୋଇପଡିଲେଣି। ଖାଦ୍ୟ ଅନ୍ୱେଷଣରେ ପଲରୁ କେତେକ ହାତୀ ଗାଁ ମୁହାଁ ହୋଇ ଗ୍ରାମର ବହୁ ଘର ନଷ୍ଟ କରୁଛନ୍ତି। ବୁଧବାର ରାତିରେ ହାତୀଆଶିଳା ଗ୍ରାମରେ ପଶି ୩ଟି ଘର ଭାଙ୍ଗିଦେଇଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ଗୁରୁବାର ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଆଇଆଇସି ଏବଂ ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

୭୦ରୁ ଊର୍ଦ୍ଧ୍ୱ ହାତୀ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟରୁ ଚାଲି ଚାଲି ଆସି ମୟୂରଭଞ୍ଜ ଜିଲାର ନଡ଼ପୁର, ଦେଉଳି, ରାସଗୋବିନ୍ଦପୁର ଅଞ୍ଚଳରେ ରହିଛନ୍ତି। ସେମାନେ ଦୁଇ ତିନୋଟି ଦଳରେ ବିଭକ୍ତ ହୋଇ ରହିଥିଲେ। ସେଥିମଧ୍ୟରୁ ୪୪ରୁ ଊର୍ଦ୍ଧ୍ୱ ହାତୀ ବାଲେଶ୍ୱର ନୀଳଗିରି ରେଞ୍ଜକୁ ନିୟମିତ ଆସୁଥିବା ଚିରାଚରିତ ରାସ୍ତା ଦେଇ ବୁଧବାର ଭୋର୍ ସମୟରେ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଗତ ରାତିରେ ସନ୍ଧ୍ୟା ହେବାରୁ ହାତପଲ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲକୁ ଲାଗି ରହିଥିବା ଚାଷ ଜମିରେ ପଶିଥିଲେ। ଯେତେ ପରିମାଣରେ ଫସଲ ଖାଇଥିଲେ ତାହାର ଦୁଇଗୁଣ ନଷ୍ଟ କରିଦେଇଥିଲେ। ସେଥିମଧ୍ୟରୁ କେତେକ ହାତୀ ଜନବସତିମୁହାଁ ହୋଇଥିବା ଦେଖାଯାଇଥିଲା। ଉକ୍ତ ହାତୀପଲ ମହିଷାପଟା ପଞ୍ଚାୟତର ହାତୀଆଶିଳା ଗ୍ରାମର ରୁହିୟା ସିଂ, କାର୍ତ୍ତିକ ସିଂ, ସୋନିଆ ସିଂଙ୍କ ଘର ଭାଙ୍ଗିଦେଇଛନ୍ତି। ହାତୀଙ୍କୁ ଘଉଡାଇବା ପାଇଁ ବନବିଭାଗ ଗତିପଥକୁ ଲକ୍ଷ୍ୟ କରିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରୁଛି। ଘରେ ମହୁଲ, ହାଣ୍ଡିଆ ଆଦି ସାମଗ୍ରୀ ଘରେ ନ ରଖିବା ପାଇଁ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଜନସାଧାରଣ ହାତୀପଲଙ୍କୁ ବିଶୃଙ୍ଖଳିତ ନ କରିବା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ ଜଗି ରହିଛନ୍ତି। ଗୁରୁବାର ଭୋର୍ ସମୟରେ ମୟୂରଭଞ୍ଜରେ ରହିଯାଇଥିବା ଅନ୍ୟ ଏକ ଦଳରୁ ୧୪ରୁ ଊର୍ଦ୍ଧ୍ୱ ହାତୀ ଆସି ଗୋପାଳପୁର ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀ ଉପଦ୍ରବ ନେଇ ଗୁରୁବାର ପୂର୍ବାହ୍ନ ୭ଟାରେ କେତେକ ଗ୍ରାମବାସୀ ସଜନାଗଡ଼ ଅଯୋଧ୍ୟା ରାସ୍ତା ଜଡ଼ିବାଲି ଛକରେ ଟାୟାର ଜଳାଇ ରାସ୍ତା ଅବରୋଧ କରିଥିଲେ। ଆଇଆଇସି ନଳିତା ମୋଦି ଏବଂ ଅତିରିକ୍ତ ତହସିଲଦାର ରାକେଶ ପଣ୍ଡା ପହଞ୍ଚି ଲୋକଙ୍କୁ ଆଶ୍ୱାସନା ଦେବା ସହ କ୍ଷତିଗ୍ରସ୍ତ ହୋଇଥିବା ଚାଷଜମିର କ୍ଷତିପୂରଣ ହାତୀ ଫେରିଯିବା ପରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବନବିଭାଗ ପକ୍ଷରୁ କୁଲଡ଼ିହାର ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ନୀଳଗିରି ରେଞ୍ଜର ସୁକୁମାର ଦାସ, ଫରେଷ୍ଟଗାର୍ଡ଼, ସବୁଜବାହିନୀଙ୍କ ସହ ୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ହାତୀଗୁଡ଼ିକ ଏବେ ତିନିକୋଶିଆ ଜଙ୍ଗଲ ମୁହାଁ ହେଉଥିବାର ସୂଚନା ମିଳିଛି।

■ଅଡିଓ ରିଲିଜ ସମୟରେ ନିର୍ଦ୍ଦେଶକ ଓ ଅଭିନେତ୍ରୀ ମୁହାଁମୁହିଁ ଘଟଣା

# ‘ଶୁଟିଂ ସେଟ୍‌ରେ ନିର୍ଦ୍ଦେଶକ ଦେଉଥିଲେ ନିର୍ଯାତନା’

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ରାଜଧାନୀର ଏକ ହୋଟେଲରେ ଓଡ଼ିଆ ଫିଲ୍ମ ତୁ ମୋ ସୁନା ଚଢ଼େଇର ଅଡିଓ ରିଲିଜ ସମୟରେ ନିର୍ଦ୍ଦେଶକ ଦିଲୀପ ପଣ୍ଡା ଓ ଅଭିନେତ୍ରୀ ଏଲ୍‌ସା ଘୋଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ଉକ୍ତ ହୋଟେଲରେ କିଛି ସମୟ ଉତ୍ତେଜନା ଦେଖିବାକୁ ମିଳିଥିଲା। ଏ ନେଇ ଗୁରୁବାର ବଙ୍ଗୀୟ ଅଭିନେତ୍ରୀ ଏଲ୍‌ସା ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନିର୍ଦ୍ଦେଶକ ଦିଲୀପ ପଣ୍ଡା ତାଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ମୋତେ ଓ ମୋ ବାପାଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଉଛନ୍ତି। ମୋତେ ଫିଲ୍ମର ହିରୋଇନ୍ କରିବା ପାଇଁ କହିଥିଲେ ମଧ୍ୟ ଅନ୍ୟ ଜଣଙ୍କୁ ଆଣି ହିରୋଇନ୍ କରିଛନ୍ତି। ମୋର ଯାହା ଅଭିନୟ ଥିଲା ତାକୁ କାଣ୍ଟଛାଣ୍ଟ କରିଛନ୍ତି। ଏନେଇ ମୁଁ ମୋର ଓକିଲଙ୍କ ପରାମର୍ଶ ନେଉଛି। ଏହାପରେ ମୁଁ ଯାହା ଆଇନଗତ ପଦେକ୍ଷପ ନେବି।

ଅଭିଯୋଗ ସମ୍ପର୍କରେ ନିର୍ଦ୍ଦେଶକ ଦିଲୀପ ପଣ୍ଡା କହିଛନ୍ତି, ତାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। ଯାହା ଚୁକ୍ତି ହୋଇଥିଲା ତାହା ଖିଲାପ ହୋଇନାହିଁ। ଯଦି ତାଙ୍କୁ ନିର୍ଯାତନା ଦିଆଯାଉଥିଲା ଶୁଟିଂ ସମୟରେ କ’ଣ ପାଇଁ ଅଭିଯୋଗ ଆଣୁ ନ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଦିଲୀପଙ୍କ ସପକ୍ଷରେ ବାହାରିଛନ୍ତି ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆସୋସିଏଶନ।

ସୂଚନାଯୋଗ୍ୟ, ଓଡିଆ ଫିଲ୍ମ ତୁ ମୋ ସୁନା ଚଢେଇର ଅଡିଓ ରିଲିଜ ବେଳେ ଦିଲୀପ ଏବଂ ଏଲ୍‌ସା ମୁହାଁମୁହିଁ ହୋଇଥିଲେ। ଏଲ୍‌ସା ନିର୍ଦ୍ଦେଶକଙ୍କ ନାଁରେ କିଛି ଅଭିଯୋଗ ଆଣୁଥିବା ସମୟରେ ନିର୍ଦ୍ଦେଶକ ତାଙ୍କ ମାଇକ ଛଡ଼ାଇନେବାକୁ ଚେଷ୍ଟା କରିଥିଲେ। ଏହାପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଲିଖିତ କିମ୍ବା ମୌଖିକ ଅଭିଯୋଗ ହେଲେ ଏହାର ତଦନ୍ତ କରାଯିବ। ସତ୍ୟତା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଓଡିଆ ଫିଲ୍ମ ଜଗତରେ କେତେଜଣ ଅଭିନେତ୍ରୀ କାଷ୍ଟିଂ କାଉଚ ଅଭିଯୋଗ ଆଣିଥିବା ଦେଖିବାକୁ ମିଳିଥିଲା। ହେଲେ ପୁଣି ଏଭଳି ଏକ ଘଟଣା ପଦାକୁ ଆସିବା ପରେ ଓଡିଆ ଫିଲ୍ମ ଜଗତରେ ଥିବା ଭିତିରି କଥା ଏବେ ପଦାରେ ପଡିଛି।

## ଯୌତୁକ ନିର୍ଯାତନା ଅଭିଯୋଗ

**ତିହିଡ଼ି, ୧୫।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମର ଶର୍ମିଷ୍ଠା ନାଥଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୭୬/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗଞ୍ଜେଇବାଡ଼ି ଗ୍ରାମର ଅନନ୍ତ ବେହେରାଙ୍କ ଝିଅ ଶର୍ମିଷ୍ଠା ୫ ବର୍ଷ ପୂର୍ବେ ମିର୍ଜାପୁର ଗ୍ରାମର ଦେବପ୍ରସାଦ ନାଥଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବି କରି ଶର୍ମିଷ୍ଠାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଆସୁଥିବା ଅଭିଯୋଗରେ ଦର୍ଶାଯାଇଛି।

## ଫଟୋରେ ଖବର


ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି ଅସୋସିଏଶନ ପକ୍ଷରୁ ନାଲକୋ ବିର୍ସା ମୁଣ୍ଡା ପାର୍କଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ସ୍ମେଲଟର ମହାପ୍ରବନ୍ଧକ ମୋନ୍‌ସା ମିଶ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଏସଏନ ସାହୁ, ଚିତ୍ତରଞ୍ଜନ ନାୟକପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନେସ ପକ୍ଷରୁ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଥିଲା।



ଢେଙ୍କାନାଳ କାଠଗଡା ଆନନ୍ଦନଗରସ୍ଥିତ ଷ୍ଟିୱାର୍ଟ ସ୍କୁଲ ପରିସରରେ ଶିଶୁ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କୌତୁକ ବେଶରେ କୁନିକୁନି ପିଲାମାନେ।

# ସମ୍ରାଟ ବିହୀନ ସାମ୍ରାଜ୍ୟ ସାତକୋଶିଆ

ନୂଆ ଇତିହାସ ରଚିବ ସାତକୋଶିଆ। ରାଜସ୍ଥାନର ରଣଥମ୍ବର ଓ ମଧ୍ୟପ୍ରଦେଶର ପାନ୍ନା ଭଳି ଏହା ବି ହେବ ବ୍ୟାଘ୍ରଙ୍କ ନୂଆ ଅଭୟାରଣ୍ୟ। ଏଠାରେ ମଧ୍ୟ ଭଳିକି ଭଳି ମହାବଳ ବଂଶବୃଦ୍ଧି ସହ ସାମ୍ରାଜ୍ୟ ବିସ୍ତାର କରିବେ। ଏଥିପାଇଁ ଅନେକ ଅପେକ୍ଷା ଥିଲା। ବର୍ଷ ବର୍ଷର ଯୋଜନା, ପରିଶ୍ରମ ସହ ବହୁ ବଡ଼ ବଡ଼ ପଦକ୍ଷେପ ନିଆଯାଇଥିଲା। ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାଇଗୁଡ଼ା ଗାଁକୁ ବିସ୍ଥାପିତ କରାଯାଇଥିଲା। ୫ ବନଖଣ୍ଡର ୩୫୯.୭୯ ବର୍ଗ କି.ମି. ସାମିଲ କରାଯାଇ ଅଭୟାରଣ୍ୟ ପରିସୀମା ବୃଦ୍ଧି କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ବାଘ ମହାବୀର ଓ ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇଥିଲା। ହେଲେ ବନ ବିଭାଗର ପରିଚାଳନାଗତ ଅପାରଗତା ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧକାରମୟ କରିଦେଇଛି। ବଂଶବିସ୍ତାର ପାଇଁ ଶାବକ ଭୂମିଷ୍ଠ ହେବା ପୂର୍ବରୁ ହିଁ ସାମ୍ରାଜ୍ୟ ସମ୍ରାଟ ବିହୀନ ହୋଇଯାଇଛି।




## ଭବିଷ୍ୟତ ନେଇ ଆଶଙ୍କା

ମହାବଳ ମହାବୀରର ମୃତ୍ୟୁ ପରେ ଏନ୍‌ଟିସିଏ ପକ୍ଷରୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ସ୍ଥଗିତ ରଖାଯାଇଥିବା ଘୋଷଣା କରାଯାଇଛି। ଏହା ସାମୟିକ ବୋଲି କୁହାଯାଇଥିଲେ ବି ପ୍ରକଳ୍ପର ଭବିଷ୍ୟତକୁ ନେଇ ଅନେକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା ହେଲା, ଏତେ ବଡ଼ ପ୍ରକଳ୍ପକୁ ପରିଚାଳନା କରିବାରେ କର୍ତ୍ତୃପକ୍ଷ ଯେ ଅକ୍ଷମ ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ମହାବୀରର ମୃତ୍ୟୁ ହୋଇଥିବା ବେଳେ ବାଘୁଣୀ ସୁନ୍ଦରୀ ଏବେ ଏନ୍‌କ୍ଲୋଜର ମଧ୍ୟରେ। ଏପରି ପରିସ୍ଥିତି ଦେଖି ମଧ୍ୟପ୍ରଦେଶ ସରକାର ଭବିଷ୍ୟତରେ ଆଉ ବାଘ ଦେଇ ନ ପାରନ୍ତି। ଦେଶର ଅନ୍ୟ ବ୍ୟାଘ୍ର ପ୍ରକଳ୍ପଗୁଡ଼ିକ ଠିକଣା ଭାବେ ପରିଚାଳିତ ହେଉଥିବା ବେଳେ ସାତକୋଶିଆରେ ଏପରି ବାରମ୍ବାର ଅଘଟଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ଯଦି ଆଗାମୀ ଦିନରେ ଏଠାକୁ ବାଘ ଅଣାଯିବାର ବାଟ ବନ୍ଦ ହୋଇଯାଏ, ତା'ହେଲେ ପ୍ରକଳ୍ପର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟକୁ ଚାଲିଯିବ।

## ଅଧ୍ୟାୟ ଆରମ୍ଭରୁ ସ୍ଥଗିତ

ଗତ ଜୁନ ୨୧ରୁ ସାତକୋଶିଆ ଅଭୟାରଣ୍ୟରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ଅଭୟାରଣ୍ୟକୁ ନୂଆ ଅତିଥି ଭାବେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଅଣ୍ଡିରା ବାଘ ମହାବୀରକୁ ଅଣାଯାଇଥିଲା। ୨୦ ତାରିଖରେ ୩ ବର୍ଷୀୟ ମହାବଳ ଏମ୍‌-୨ ଧରାହେବା ପରେ ସାତକୋଶିଆ ଅଣାଯିବାକୁ ୨୩ ଘଣ୍ଟା ଲାଗିଥିଲା। ସାତକୋଶିଆ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ ହୋଇଥିବାରୁ ବିଭାଗ ପକ୍ଷରୁ ବେଶ୍ ଖୁସି ପ୍ରକଟ କରାଯାଇଥିଲା। ପରେ ବାନ୍ଧବଗଡ଼ରୁ ବାଘୁଣୀକୁ ଅଣାଯାଇଥିଲା। ହେଲେ ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ହଠାତ୍ ବାଘୁଣୀ ସୁନ୍ଦରୀର ଆତଙ୍କ ବିଭାଗର ଯୋଜନାକୁ ଓଲଟପାଲଟ କରିଦେଇଥିଲା। ୨ଟି ମଣିଷ ଜୀବନ ନେବା ପରେ ସୁନ୍ଦରୀକୁ କେମିତି କାବୁ କରାଯିବ ସେହି ଯୋଜନାରେ ବନ ବିଭାଗ ବହୁ ସମୟ ଦେଇଥିଲା। ଶେଷରେ ଚନ୍ଦକାର କୁମ୍କି ହାତୀ ଯଶୋଦା ସହାୟତାରେ ସୁନ୍ଦରୀକୁ ନଭେମ୍ବର ୬ରେ ଟ୍ରାଙ୍କୁଲାଇଜ କରିବାରେ ସଫଳତା ମିଳିଥିଲେ ବି ଗୋଟିଏ ଦିନ ପରେ ୮ ତାରିଖରେ ଯଶୋଦା ମଣିଷ ମାରିବା କର୍ତ୍ତୃପକ୍ଷଙ୍କୁ ବଡ଼ ଅଡୁଆରେ ପକାଇଥିଲା। ଉକ୍ତ ଘଟଣାର ଦିନ କେଇଟା ନ ଯାଉଣୁ ସାତକୋଶିଆର ସବୁଠାରୁ ବଡ଼ ଅଘଟଣ ବୁଧବାର ସାମ୍ନାକୁ ଆସିଥିଲା। କାହ୍ନାରୁ ଅଣାଯାଇଥିବା ଯୁବ ମହାବଳ ମହାବୀରର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଏହା ଆଲୋଡ଼ନ ଖେଳାଇ ଦେଇଥିଲା। ଏତେ ବଡ଼ ଘଟଣା ପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ସାମୟିକ ସ୍ଥଗିତ ରଖାଯିବା ନେଇ ଘୋଷଣା କରିଛନ୍ତି।

## ହସ୍ତୀରୁ ବ୍ୟାଘ୍ର ପ୍ରକଳ୍ପ

ଜୈବ ବିବିଧତାରେ ପରିପୂର୍ଣ୍ଣ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାର ୭୯୫.୫୨ ବର୍ଗ କି.ମି. ଜଙ୍ଗଲାଞ୍ଚଳକୁ ୧୯୭୬ରେ ସାତକୋଶିଆ ଅଭୟାରଣ୍ୟର ମାନ୍ୟତା ଦିଆଯାଇଥିଲା। ୨୦୦୨ରେ ହସ୍ତୀ ପ୍ରକଳ୍ପ ଓ ୨୦୦୭ରେ ଅଭୟାରଣ୍ୟରେ ୧୨ଟି ବାଘ ଥିବାରୁ ଏହାକୁ ବ୍ୟାଘ୍ର ପ୍ରକଳ୍ପର ମାନ୍ୟତା ମିଳିଥିଲା। ତେବେ ୨୦୧୪ ଗଣନାରେ ଏଠାରେ ମାତ୍ର ଦୁଇଟି ବାଘ ଥିବା ଜଣାପଡ଼ିବା ପରେ ୨୦୧୬ରୁ ସାତକୋଶିଆରେ ବାଘ ବଂଶ ବୃଦ୍ଧି ପାଇଁ ପରିକଳ୍ପନା ଆରମ୍ଭ ହୋଇଥିଲା। ସେହିବର୍ଷ ବାହାର ରାଜ୍ୟରୁ ବାଘ ଆଣିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ୨୦୧୭ରେ ଭାରତ ସରକାର ଏହାକୁ ମଞ୍ଜୁରୀ ଦେବା ସହ ମଧ୍ୟପ୍ରଦେଶରୁ ୩ଟି ପର୍ଯ୍ୟାୟରେ ୬ଟି ବାଘ ବାଘୁଣୀଙ୍କୁ ଅଣାଯାଇ ପ୍ରକଳ୍ପ ମଧ୍ୟରେ ଛଡ଼ାଯିବ ବୋଲି ଯୋଜନା କରାଯାଇଥିଲା।

## ପଦାରେ ପଡ଼ିଲା ଅପାରଗତା

**ବନ୍ତଲା/ଅନୁଗୋଳ ଅଫିସ,୧୫।୧୧ (ଡି.ଏନ.ଏ.):** ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଅଣାଯାଇଥିବା ମହାବଳ ମହାବୀରକୁ ନେଇ ଦେଶ ବିଦେଶରେ ସୁନାମ ସାଉଁଟିଥିଲା ଓଡ଼ିଶାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ। ପୂର୍ବରୁ ବାଘ ସ୍ଥାନାନ୍ତର ପାଇଁ ଆକାଶମାର୍ଗ ବ୍ୟବହାର କରାଯାଉଥିବା ବେଳେ ପ୍ରଥମ ଥର ପାଇଁ ରାସ୍ତାରେ ବାଘ ଏଠାକୁ ସ୍ଥାନାନ୍ତର ହୋଇଥିଲା। ସେହିପରି କୋର୍ ଜଙ୍ଗଲ ମଧ୍ୟରେ ବାଘର ସ୍ୱାଭାବିକ ଚଳପ୍ରଚଳ, ଶାନ୍ତ ସ୍ୱଭାବ ଓ ପୁରୁଣା ବାଘୁଣୀଠାରୁ ସାତକୋଶିଆକୁ ନୂଆ ଶାବକ ଦେବାର ଆଶା ସୃଷ୍ଟି କରିବା ପରେ ବେଶ୍ ଗର୍ବ ଅନୁଭବ କରୁଥିଲେ ପ୍ରକଳ୍ପ କର୍ତ୍ତୃପକ୍ଷ। ହେଲେ କର୍ତ୍ତୃପକ୍ଷଙ୍କ ଏହି ବାଃ ବାଃ ବେଶି ଦିନ ତିଷ୍ଠି ପାରି ନାହିଁ। ମହାବଳ ମହାବୀରର ମୃତ୍ୟୁ ସବୁ ସୁନାମକୁ ନଷ୍ଟ କରିଦେଇଥିବା ବେଳେ କର୍ତ୍ତୃପକ୍ଷଙ୍କ ପାରିବା ପଣିଆ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୮ ଜଣିଆ ଟିମ୍ ବାଘ ପଛରେ ଦିନ ରାତି ଏକ୍ କରି ଦେଇଥିବାବେଳେ କିପରି ବାଘ ଅସୁସ୍ଥତା ବିଷୟରେ ଜାଣି ପାରି ନ ଥିଲେ ତାହା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ପ୍ରତି ମୁହୂର୍ତ୍ତରେ ବାଘର ଗତିବିଧି ରେଡିଓ କୋଲାର ଦ୍ୱାରା ଜଣାପଡ଼ିଥାଏ। ଏପରି କି ସାଟେଲାଇଟ୍ ଓ ଜଙ୍ଗଲର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ମାଧ୍ୟମରେ ବାଘର ଗତି ବିଧିର ଫଟୋ ଉତ୍ତୋଳନ କରାଯାଇ ଶରୀରରକୁ ତନ୍ନତନ୍ନ କରି ଦେଖାଯାଏ। ଶିକାର ଶୈଳୀରୁ ସେ ସୁସ୍ଥ କି ଅସୁସ୍ଥ ତାହା ଜାଣି ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। କିନ୍ତୁ ଏତେ ସବୁ ସତ୍ତ୍ୱେ ବି ବାଘ ଅସୁସ୍ଥ ଥିବା କିପରି କେହି ଜାଣି ପାରି ନଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ସୁରକ୍ଷା ନେଇ ଆଶଙ୍କାରେ ଥିଲେ ପରିବେଶବିତ୍

ଅଭୟାରଣ୍ୟରେ ବାଘ ଛଡ଼ାଯାଇଥିଲେ ବି ତାହାର ସୁରକ୍ଷା ଓ ବଂଶ ବୃଦ୍ଧି ନେଇ ପରିବେଶବିତ୍‌ମାନେ ଆରମ୍ଭରୁ ଚିନ୍ତାବ୍ୟକ୍ତ କରିଥିଲେ। କାରଣ ଜଙ୍ଗଲ ମଧ୍ୟସ୍ଥ ରାଇଗୁଡ଼ା, ଟିକରପଡ଼ା ପୁରୁଣାକୋଟ, ପମ୍ପାସର ଓ ଜିଲିଣ୍ଡା ରେଞ୍ଜରେ ଶିକାରୀ ସକ୍ରିୟ ଥିବାରୁ ଛଡ଼ାଯାଇଥିବା ବାଘର ଜୀବନ ପ୍ରତି ବିପଦ ରହିଥିବା ସେମାନେ ଅନୁମାନ କରିଥିଲେ। ଏହାଛଡ଼ା ଜୁନ୍ ୨୭ରେ ବନ ବିଭାଗ ଜଙ୍ଗଲ ମଧ୍ୟରୁ ୩ ଶିକାରୀଙ୍କୁ ଗିରଫ ମଧ୍ୟ କରିଥିଲା। ତେଣୁ ୩ ବର୍ଷୀୟ ମହାବଳ ମହାବୀର, ବାଘୁଣୀ ସୁନ୍ଦରୀ ଓ ଆଗାମୀ ଦିନରେ ଆସିବାକୁ ଥିବା ବାଘଙ୍କ ଉପଯୁକ୍ତ ସୁରକ୍ଷା ନେଇ ପରିବେଶବିତ୍‌ମାନେ ଆଶଙ୍କାରେ ଥିଲେ। ଶେଷରେ ଶିକାରୀଙ୍କ ଫାଶରେ ଲାଗି ମହାବୀର ବେକରେ ଆଘାତ ହେବା ଓ ତାହା ସଂକ୍ରମଣ ହୋଇ ଜୀବନ ଯାଇଥିବା ଏବେ ଚର୍ଚ୍ଚା ହେଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ ଘଟଣା ଲୋକଲୋଚନକୁ ଆସିବା ବୋଲି କୁହାଯାଉଛି।

## ରୋଗ ପାଇଁ ଦୂରେଇଯାଇଥିଲା ମହାବୀର

**ବନ୍ତଲା/ଅନୁଗୋଳ ଅଫିସ,୧୫।୧୧ (ଡି.ଏନ.ଏ):** ବାଘ ବଂଶ ବୃଦ୍ଧି ପାଇଁ ସାତକୋଶିଆ ଆସିଥିବା ମହାବୀର ସେହି ଯୋଜନାକୁ ସାକାର କରିଥିଲା। ରାଇଗୁଡ଼ାର ଏନ୍‌କ୍ଲୋଜରରୁ ଛଡ଼ାଯିବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ସେ ପୁରୁଣା ବାଘୁଣୀକୁ ସାଥୀ କରିଥିଲା। ଏପରି କି ଶିକାର ପରେ ବାଘୁଣୀ ସହ ମହାବୀର ସାଥି ହୋଇ ଖାଉଥିଲା। ଏସବୁ ଚିତ୍ର ବନ ବିଭାଗ ଲଗାଇଥିବା ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। କିନ୍ତୁ ଗତ ୧୫ ଦିନ ହେବ ମହାବୀର ବାଘୁଣୀ ଠାରୁ ଦୂରେଇ ଯାଇଥିଲା। ବୋଧହୁଏ ରୋଗ କାରଣରୁ ମହାବୀର ଏପରି କରିଥିବା ଅନୁମାନ କରାଯାଉଛି। ତେବେ ବାଘୁଣୀ ଗର୍ଭ ଧାରଣ କରିଥିବାରୁ ଜାନୁୟାରୀରେ ଶାବକ ଜନ୍ମ ଦେବାର ସମ୍ଭାବନା ରହିଛି। ପୂର୍ବରୁ ଏଠାରେ ବାଘୁଣୀ ଥରକେ ୪ରୁ ୫ଟି ଶାବକ ଜନ୍ମ ଦେଇଥିବାର ଦେଖାଯାଇଥିବା ବିଶେଜ୍ଞମାନେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଡାକିଲେ ବୈଠକ

**ବନ୍ତଲା/ଅନୁଗୋଳ ଅଫିସ,୧୫।୧୧ (ଡି.ଏନ.ଏ.):** ଅନୁଗୋଳ ସାତକୋଶିଆରେ ବାଘ ମୃତ୍ୟୁ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ଏକ ଜରୁରୀ ବୈଠକ ଡାକିଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଶକ୍ତି ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ମହାପାତ୍ର, ପିସିସିଏଫ ସନ୍ଦୀପ ତ୍ରିପାଠୀଙ୍କ ସହ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ଢେଙ୍କାନାଳରେ ବିଦ୍ୟୁତ୍ ଆଘାତରେ ଏକକାଳୀନ ୭ ହାତୀ ମୃତ୍ୟୁ ଓ ଅନୁଗୋଳରେ ବିଭିନ୍ନ ସମୟରେ ଗଜରାଜଙ୍କ ମୃତ୍ୟୁକୁ ନେଇ ସମୀକ୍ଷା କରାଯାଇଥିବା ସୂଚନା ମିଳିଛି। ବୈଠକ ପରେ ଜଙ୍ଗଲ ମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ପୃଥକ ପୃଥକ ବୈଠକ କରାଯାଇଥିବା ଖବର ମିଳିଛି।



ବିଶେଷଜ୍ଞ ଓ ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ମୃତଦେହ ବ୍ୟବଚ୍ଛେଦ କରୁଛନ୍ତି।



ହିନ୍ଦୋଳ-ନରସିଂହପୁର ସୀମାନ୍ତ ରାଇଗୁଡ଼ା ନୂଆପଡ଼ା ରେଞ୍ଜ ଅଞ୍ଚଳକୁ ଯାଇଥିବା ଜଙ୍ଗଲ ରାସ୍ତାକୁ ବନ ବିଭାଗ ପକ୍ଷରୁ ସିଲ୍ କରାଯାଇଛି।

## କର୍ତ୍ତୃପକ୍ଷଙ୍କ ଅବହେଳା, କାର୍ଯ୍ୟାନୁଷ୍ଠାନ ଦାବି

ମହାବଳ ମହାବୀରର ମୃତ୍ୟୁ ପାଇଁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ। ଅନଭିଜ୍ଞ ଅଧିକାରୀମାନଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଏକ ଯୁବ ମହାବଳକୁ ହରାଇବାକୁ ପଡ଼ିଲା ବୋଲି ସେମାନେ ମତ ଦେଇଛନ୍ତି। ଆବଶ୍ୟକ ସୁରକ୍ଷା କର୍ମଚାରୀ ନିଯୁକ୍ତ ଥାଇ ବି କେମିତି କର୍ତ୍ତୃପକ୍ଷ ଅସୁସ୍ଥ ବାଘ ସମ୍ପର୍କରେ ଜାଣି ନ ପାରିଲେ ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ୨୪ ଘଣ୍ଟିଆ ମନିଟରିଂ କରାଯାଉଥିବା ନେଇ ବାରମ୍ବାର ଅଭୟାରଣ୍ୟବାସୀଙ୍କୁ ଆଶ୍ୱାସନା ଦିଆଯାଉଥିବା ବେଳେ ଅଧିକାରୀମାନେ କେମିତି ବାଘ ଛାଡ଼ି କୌଣସି ଖବର ରଖି ନ ଥିଲେ ତାହା ଚିନ୍ତାର ବିଷୟ। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କ ଅବହେଳା ଜଳ ଜଳ ଦିଶୁଥିବାରୁ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ସୁରକ୍ଷା ପାଇଁ ବଢ଼ାଯାଇଥିଲା ସୀମା

**ବନ୍ତଲା,୧୫।୧୧ (ଡି.ଏନ.ଏ.):** ବାଘଙ୍କ ମୁକ୍ତ ବିଚରଣ, ସୁରକ୍ଷା ଓ ବଂଶବୃଦ୍ଧି ନିମନ୍ତେ ସାତକୋଶିଆରେ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରକଳ୍ପ ବଫର ଅଞ୍ଚଳରେ ଥିବା ୧୧୮ଟି ଗାଁ ମଧ୍ୟରୁ ଅନୁଗୋଳର ରାଇଗୁଡ଼ା ଓ ବୌଦ୍ଧର ମାରଡ଼ା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇଥିଲା। ବାକି ୧୧୬ଟି ଗାଁ ମଧ୍ୟରୁ ଅନୁଗୋଳ ଜିଲାର ୪୩, କଟକ ଜିଲାର ୨୭, ନୟାଗଡ଼ର ୨୦ ଓ ବୌଦ୍ଧ ଜିଲାର ୧୪ଟି ଗ୍ରାମକୁ ପ୍ରକଳ୍ପ ପରିସରରୁ ବାଦ୍ ଦିଆଯାଇଥିଲା। ଏଥିସହ ସାତକୋଶିଆ ସଂଲଗ୍ନ ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କଟକ ଜିଲାର ୫ ବନଖଣ୍ଡର ୧୦ ରିଜର୍ଭ ଜଙ୍ଗଲର ୩୫୯.୭୯ ବର୍ଗ କି.ମି.କୁ ଏଥିରେ ମିଶାଯାଇ ମୋଟ୍ ପରିସୀମାକୁ ୯୬୮.୩୫ ବର୍ଗ କି.ମି.କୁ ବୃଦ୍ଧି କରାଯାଇଥିଲା। ନୂତନ ଭାବେ ଅନୁଗୋଳ ବନଖଣ୍ଡର ନୂଆକ୍ଷେତା, ବଲଙ୍ଗ, ଆଠମଲ୍ଲିକ ବନଖଣ୍ଡର ହାତୀଧର ନର୍ଥ, ସାଉଥ୍ ରିଜର୍ଭ ଫରେଷ୍ଟ, ବୌଦ୍ଧ ବନଖଣ୍ଡର ହାତୀଧରା, ଢେଙ୍କାନାଳ ବନଖଣ୍ଡର ନନ୍ଦିନିଆ, ଆଠଗଡ଼ ବନଖଣ୍ଡର ନୂଆଗଡ଼, ଶରଧାପୁର, ବାଲିକିଆରି ଓ ବାରାଖୋଲା ରିଜର୍ଭ ଫରେଷ୍ଟ ବ୍ୟାଘ୍ର ପ୍ରକଳ୍ପରେ ସାମିଲ ପରେ ବାଘଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧିରେ ଆଉ କୌଣସି ଅସୁବିଧା ହେବ ନାହିଁ ଧରି ନିଆଯାଇଥିଲା। ହେଲେ ବଂଶବୃଦ୍ଧି ପୂର୍ବରୁ ହିଁ ଏଠାରେ ବଂଶ କ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ହେଉଛି।

ଫଟୋ ଓ ରିପୋର୍ଟ – ଦୀନେଶ୍ ଦେହୁରୀ



ଘଟଣାସ୍ଥଳକୁ ଯାଉଥିବା ବେଳେ ପିସିସିଏଫ୍‌ଙ୍କ ଗାଡ଼ିକୁ ଖବରଦାତାମାନେ ଘେରି ଯାଇଛନ୍ତି।



ବ୍ୟବଚ୍ଛେଦ ପରେ ବାଘର ମୃତଦେହ ପୋଡ଼ି ଦିଆଯାଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ନଭେମ୍ବର ୧୬ /୨୦୧୮ Dhenkanal-Angul, Friday, November 16 / 2018

## ସଂକ୍ଷେପରେ

### ୬ ଶହ ଲିଟର ଡିଜେଲ ଜବତ, ୫ ଗିରଫ

ତାଳଚେର,୧୫।୧୧(ନି.ପ୍ର.): ଏମ୍‌ସିଏଲ ଅନନ୍ତ କୋଇଲା ଖଣିର ସିକ୍ୟୁରିଟି କର୍ମଚାରୀମାନେ ବୁଧବାର ରାତିରେ ଏକ ପିକ୍‌ଅପ ଭ୍ୟାନ ସହିତ ୬ ଶହ ଲିଟର ଡିଜେଲ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୫ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଭ୍ୟାନ ଚାଳକ ତାଳଚେର ବ୍ଲକ ଏକଡାଳ ଗ୍ରାମର ଟୁନା ପଲେଇ, ପ୍ରଦୀପ ନାଏକ, ବନମାଳି ନାଏକ, ବୈକୁଣ୍ଠ ନାଏକ ଓ କିର୍ତ୍ତି ଦାସ। ରାତିରେ ଭ୍ୟାନ(ନଂ. ଓଡି୩୫ ସି- ୨୧୫୮)ଟି ଡିଜେଲ ନେଇ ଆସୁଥିବା ଖବର ପାଇ ସିକ୍ୟୁରିଟି କର୍ମଚାରୀ ହୃଦାନନ୍ଦ ବେହେରା ଓ ଅନ୍ୟମାନେ ଡେରା ବିଶ୍ୱାଳ ଛକ ଠାରେ ଗାଡିକୁ ଅଟକାଇ ଥିଲେ। ସେଥିରେ ୧୪ଟି ଜାରକିନ୍‌ରେ ୫୬୦ ଲିଟର ଓ ୨ଟି ଜାରକିନରେ ୪୦ ଲିଟର ଡିଜେଲ ରହିଥିଲା। ପରେ ପିକଅପ ଭ୍ୟାନ, ଡିଜେଲ ସହ ୫ ଅଭିଯୁକ୍ତଙ୍କୁ କଲିୟାରୀ ପୋଲିସ ଜିମା ଦିଆଯାଇ ଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

### ୩ ଏକର ଧାନ ଖାଇଦେଲେ ହାତୀ



ଛେଣ୍ଡିପଦା,୧୫।୧୧(ଡି.ଏନ.ଏ.): ଅନୁଗୋଳ ବନଖଣ୍ଡ ଜରପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଦୁର୍ଗାପୁର ୪ ନଂ. କମ୍ପାର୍ଟମେଣ୍ଟ ପଣ୍ଡୁଆକଟା ଚକ ଇଲାକାରେ ବୁଧବାର ରାତିରେ ହାତୀ ଉପଦ୍ରବ କରିଛନ୍ତି। ୧୩ ହାତୀ ବ୍ୟାପକ ଧାନ ଫସଲ ଖାଇ ନଷ୍ଟ କରିଥିବା ଜଣାପଡିଛି। ବିଶେଷ କରି ଦୁର୍ଗାପୁର ଗ୍ରାମର ଚାଷୀ ଧରଣୀ ବୁର୍ଗୀ, ଆଦିତ୍ୟ ବୁର୍ଗୀ, ସୋମନାଥ ବୁର୍ଗୀ ପ୍ରମୁଖଙ୍କ ପ୍ରାୟ ୩ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ଖାଇ ଦଳିଚକଟି ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ହାତୀପଲଙ୍କୁ ଘଉଡାଇଥିଲେ। ହାତୀପଲ ନିକଟସ୍ଥ ଜଙ୍ଗଲରେ ଦିନ ସମୟରେ ଆଶ୍ରୟ ନେଇଥିବା ଜଣାପଡିଛି। ଗୁରୁବାର ସକାଳେ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନାଳରେ ପଡିଛି ବାଇକ

ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର): ଛେଣ୍ଡିପଦା ଥାନା କୋଶଳା ସିଙ୍ଗଡା ନାଳରେ ଗୁରୁବାର ସକାଳେ ଏକ ବାଇକ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟଲୋକେ ଆଖପାଖରେ ଖୋଜାଖୋଜି କରିଥିଲେ ମଧ ଚାଳକଙ୍କୁ ପତ୍ତା ପାଇ ନ ଥିଲେ। ଏ ନେଇ ଗ୍ରାମବାସୀ ଛେଣ୍ଡିପଦା ପୋଲିସକୁ ଖବର ଦେଇଛନ୍ତି।

### ପ୍ରଶିକ୍ଷଣ, ନିଯୁକ୍ତି ପରାମର୍ଶ ଶିବିର

ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର.): ଛେଣ୍ଡିପଦା ପଞ୍ଚାୟତ ସମିତି ସଭାଗୃହଠାରେ ଜିଲା ଖଣିଜ ପାଣ୍ଠି ସହାୟତାରେ ଧନ୍ଦାମୂଳକ ପ୍ରଶିକ୍ଷଣ ଓ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ପଞ୍ଚାୟତ ସମିତି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜିଲା ଖଣିଜ ପାଣ୍ଠି ସଦସ୍ୟ ଜଗଦୀଶ ଚନ୍ଦ୍ର ସାହୁ, ସିପେଟ୍‌ର ପ୍ରୋଜେକ୍ଟ କୋଅର୍ଡିନେଟର ବିଶ୍ୱଜିତ ବେଉରା, ସମିତିସଭ୍ୟ ଭଜମନ ଗଡନାୟକ ପ୍ରମୁଖ ଯୋଗଦେଇଥିଲେ। ବେକାର ଯୁବତୀଯୁବକ, ଛାତ୍ରୀଛାତ୍ରମାନେ ତାଲିମ ପାଇ କିପରି ରୋଜଗାରକ୍ଷମ ହୋଇପାରିବେ ସେ ଉପରେ ପରାମର୍ଶ ଦିଆଯାଇଥିଲା। ଛେଣ୍ଡିପଦା ଓଡ଼ିଶା ଜୀବିକା ମିଶନର ସଂଯୋଜିକା ମାନସୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛେଣ୍ଡିପଦା ଜୀବିକା ମିଶନ ସଂଯୋଜକ ସଞ୍ଜୟ ସାହୁ, ସଂଯୋଜିକା ହିରଣ୍ମୟୀ ପ୍ରଧାନ, ଜୀବିକା ସଂଯୋଜକ ପଞ୍ଚାନନ ସାହୁ, ସ୍କିଲ୍ ଡେଭେଲପମେଣ୍ଟ କୋଅର୍ଡିନେଟର ସୁବ୍ରତ କୁମାର ସାହୁ ସହଯୋଗ କରିଥିଲେ। ଶିବିରରେ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିଯୁକ୍ତି ଦାବିରେ ରେଳରୋକୋ

କଣିହାଁ,୧୫।୧୧(ଡି.ଏନ.ଏ.)




ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ସହିତ ପ୍ରଶାସନ ଅଧିକାରୀଙ୍କ ଅବହେଳାକୁ ନେଇ ପ୍ରତିଶ୍ରୁତି ପୂରଣ ଓ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦାବିରେ ଗୁରୁବାର ରେଳରୋକୋ ଆନ୍ଦୋଳନ ଚାଲିଛି। ଏନ୍‌ଟିପିସି ଟାଉନ ଥାନା ଆମ୍ବପାଳ ରେଲୱେ କ୍ରସିଂଠାରେ ଖବରଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ନେଇ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଖବରପାଇ ପୋଲିସ, କଣିହାଁ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ କୌଣସି ସମାଧାନର ବାଟ ବାହାରି ପାରି ନ ଥିବା ଜଣାପଡ଼ିଛି। ଆନ୍ଦୋଳନକାରୀମାନେ ତୁରନ୍ତ ନ୍ୟାୟ ଦେବାକୁ ଅଡ଼ି ବସିଛନ୍ତି।

ପ୍ରକାଶ ଯେ, ଗତ ଫେବୃୟାରୀ ୯ରେ ପ୍ରକଳ୍ପ କ୍ଷତିଗ୍ରସ୍ତ ଠିକା କର୍ମଚାରୀ ଡେରେଙ୍ଗ ଗ୍ରାମର ରଞ୍ଜନ ବେହେରା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। କ୍ଷତିପୂରଣ ଓ ନିଯୁକ୍ତି ପ୍ରଦାନ ଦାବିରେ ଆନ୍ଦୋଳନକୁ ନେଇ ଲୋକ ପ୍ରତିନିଧି, ପ୍ରକଳ୍ପ କର୍ତ୍ତୃପକ୍ଷ, ପ୍ରଶାସନ ଓ ଆନ୍ଦୋଳନକାରୀ ମଧ୍ୟରେ ମୃତକଙ୍କ ପତ୍ନୀ ଶୈଳବାଳା ବେହେରାଙ୍କୁ ପ୍ରକଳ୍ପରେ ନିଯୁକ୍ତି ପାଇଁ ଆଲୋଚନା ବୈଠକରେ ଲିଖିତ ପ୍ରତିଶ୍ରୁତି ମିଳିଥିଲା। ଅଦ୍ୟାବିଧି ତାହା କାର୍ଯ୍ୟକାରୀ ନ ହେବାରୁ ଆନ୍ଦୋଳନ ଚାଲିଛି। ଆନ୍ଦୋଳନରେ ମୃତକଙ୍କ ପରିବାର ବର୍ଗ ସହିତ ସମର୍ଥକ ସାମିଲ ହୋଇଛନ୍ତି। କଣିହାଁ ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, ଆନ୍ଦୋଳନ ଚାଲିଛି। ଉପଜିଲାପାଳଙ୍କ ସହିତ ଆଲୋଚନା ପାଇଁ ବୁଝାସୁଝା ସତ୍ତ୍ୱେ ତୁରନ୍ତ ନିଯୁକ୍ତି ଦାବି କରିଛନ୍ତି। ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି।

## ସୁଲୋଚନା ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା



ଚାନ୍ଦବାଲି, ୧୫।୧୧ (ଡି.ଏନ.ଏ.): ପୂର୍ବତନ ଜିଲା ପରିଷଦ ସଭ୍ୟା ତଥା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁଲୋଚନା ନାୟକଙ୍କୁ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଭାବେ ମନୋନୀତ କରାଯାଇଛି। ଜଣେ ଭଲ ସଂଗଠକ ଭାବେ ଜଣାଶୁଣା ସୁଲୋଚନା ପୂର୍ବରୁ ବ୍ଲକ ଓ ଜିଲା କଂଗ୍ରେସର ବିଭିନ୍ନ ସାଂଗଠନିକ ପଦରେ କାର୍ଯ୍ୟ କରିଛନ୍ତି। ରାଜ୍ୟ ସମ୍ପାଦିକା ପଦରେ ନିଯୁକ୍ତି ମିଳିଥିବାରୁ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ କରିଛନ୍ତି।

## ହିଙ୍ଗୁଳା ମନ୍ଦିରକୁ ୨ ଲକ୍ଷ ପ୍ରଦାନ




ତାଳଚେର, ୧୫।୧୧(ନି.ପ୍ର.)

ତାଳଚେର ଅଧିଷ୍ଠାତ୍ରୀ ଦେବୀ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ହିଙ୍ଗୁଳା କୋଇଲା ଖଣିରେ କାର୍ଯ୍ୟରତ ସୁରକ୍ଷାକର୍ମୀମାନଙ୍କ ପକ୍ଷରୁ ଦୁଇ ଲକ୍ଷ ଟଙ୍କାର ଏକ ଚେକ୍ ମନ୍ଦିର ପାଣ୍ଠିକୁ ଗୁରୁବାର ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ସିକ୍ୟୁରିଟି ଅଫିସର ଚଗଲାନ୍ଦ୍ର ପ୍ରଧାନ, ଆସିଷ୍ଟାଣ୍ଟ ସିକ୍ୟୁରିଟି ଅଫିସର ରବିନାରାୟଣ ଭଞ୍ଜ, ହିଙ୍ଗୁଳା କୋଇଲା ଖଣି ସୁରକ୍ଷାକର୍ମୀ ସଭାପତି ଶଙ୍କର୍ଷଣ ସାହୁ, ସମ୍ପାଦକ ଶ୍ରୀକାନ୍ତ ପଡିଆରଙ୍କ ସହ ସମସ୍ତ ସୁରକ୍ଷାକର୍ମୀ ହିଙ୍ଗୁଳା ମନ୍ଦିରକୁ ଯାଇ ଚେକ୍ ପ୍ରଦାନ କରିଥିଲେ। ଚେକ୍ ପ୍ରଦାନ ବେଳେ ତାଳଚେର ଉପ ଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସହ ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନଙ୍କ ସହ ମନ୍ଦିର ପରିଚାଳନା କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୬ ଶିଶୁ ଶ୍ରମିକ ଉଦ୍ଧାର, ୨ ଦଲାଲ ଗିରଫ

ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର.)



ଗିରଫ ୨ ଅଭିଯୁକ୍ତ।

ଦାଦନ ଖଟିବାକୁ ଭଦ୍ରକ ଯାଉଥିବାବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ଗୁରୁବାର ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏଥିସହ ଶିଶୁ ଚାଲାଣ ପାଇଁ ଉଦ୍ୟମ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେବଗଡ ଜିଲା ରିଆମାଳ ଥାନା ଚୁହିଲାମାଳ ଗ୍ରାମର ରାଜେଶ ଦେହୁରୀ(୨୨) ଓ କାଦୁଅପଡା ଗ୍ରାମର ନେପୋଲିଅନ ଦେହୁରୀ(୩୦)। ପ୍ରକାଶ ଯେ, ଚୁହିଲାମାଳ ଗ୍ରାମର ୬ ନାବାଳକ ଭଦ୍ରକ ଅଞ୍ଚଳର ଇଟାଭାଟିକୁ କାମ କରିବାକୁ ଯାଉଥିବାବେଳେ ଖବର ପାଇ ନିକଟସ୍ଥ ବସ୍‌ଷ୍ଟାଣ୍ଡରୁ ସେମାନଙ୍କୁ ଉଦ୍ଧାର କରିଥିଲା। ଏଥିସହ ଶିଶୁମାନଙ୍କୁ ନେବାକୁ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ୨ ଜଣଙ୍କୁ ଗିରଫ କରିଥିଲା। ଏସ୍‌ଆଇ ବିଜୟ କୁମାର ସ୍ୱାଇଁ ନଂ. ୩୧୭/୧୮ରେ ମାମଲା ରୁଜୁ କରିଛନ୍ତି। ଶୁକ୍ରବାର ୨ ଜଣଙ୍କୁ କୋର୍ଟଚାଲାଣ କରାଯିବ। ଅନ୍ୟପକ୍ଷରେ ଉଦ୍ଧାର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅନୁଗୋଳ ଜିଲା ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯାଇଥିଲା। ପରେ ସମିତି ଅଧକ୍ଷ ଦେବାଶିଷ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ଭବାନୀ ଶଙ୍କର ଦାସ ଶିଶୁମାନଙ୍କୁ ବାଜି ରାଉତ ଛାତ୍ରାବାସକୁ ପଠାଇ ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଦେବଗଡ ଜିଲା ଶିଶୁ ମଙ୍ଗଳ ସମିତ ଓ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସମିତି ଅଧକ୍ଷ ପ୍ରକାଶ କରିଛନ୍ତି ।

# ରାତ୍ରି ସଭାରେ ସ୍ୱଚ୍ଛତା ବାର୍ତ୍ତା




ରାତ୍ରି ସଭାରେ ଜିଲାପାଳ ଗ୍ରାମବାସୀଙ୍କୁ ସଚେତନ କରାଉଛନ୍ତି।

ଢେଙ୍କାନାଳ ଅଫିସ,୧୫।୧୧

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ପଞ୍ଚାୟତର ସିଆରିଆ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ରାତ୍ରିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେବାସହ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ସଦର ବିଡିଓ ସରୋଜ କୁମାର ଦତ୍ତ, ଗ୍ରାମ୍ୟ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ସ୍ଥାନୀୟ ସରପଞ୍ଚ କୁଳମଣି ଜେନା, ସମିତି ସଭ୍ୟ ଅମରେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବାହ୍ୟମଳମୁକ୍ତ ତାଳବରକୋଟ ପଞ୍ଚାୟତର ଜନସାଧାରଣଙ୍କୁ ବାହାରେ ମଳତ୍ୟାଗ କରିବାର କୁପରିଣାମ ସମ୍ପର୍କରେ କହିଥିଲେ। କନିଷ୍ଠଯନ୍ତ୍ରୀ ଅଭିଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମ୍ୟ ଜଳ ଓ ପରିମଳ ମିଶନର କର୍ମଚାରୀମାନେ ସହଯୋଗ କରିଥିଲେ।

## ପୁରୁଣାଗଡ-ଖଳିଡିପସାହି ରାସ୍ତା ବିପର୍ଯ୍ୟସ୍ତ

ଛେଣ୍ଡିପଦା,୧୫।୧୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ଅନ୍ତର୍ଗତ ପୁରୁଣାଗଡ- ଖଳିଡିପସାହି ଗ୍ରାମ ରାସ୍ତା ଆବଶ୍ୟକୀୟ ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି। ହେଲେ ରାସ୍ତା ସାରା ଖାଲଖମାରେ ପରିଣତ ହୋଇଛି। ଉକ୍ତ ରାସ୍ତାକୁ କଂକ୍ରିଟ୍ କରିବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ବହୁବାର ଦାବି କରିଆସିଛନ୍ତି। ହେଲେ କୌଣସି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ଯଥାଶିଘ୍ର ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଯୁବ ନେତା ପୀତବାସ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଶ୍ରୀବତ୍ସ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

### ବସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର)

ଅନୁଗୋଳ ଜିଲା ଜରପଡା ଥାନା ଅନ୍ତର୍ଗତ ତୁବେ ଟାସରା ପ୍ରାଥମିକ ବିଦ୍ୟାଳୟର ପରିତ୍ୟକ୍ତ କୂଅରୁ ନିଖୋଜ ତୁବେ ଗ୍ରାମର ଶିବାନନ୍ଦ ପ୍ରଧାନଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରକାଶ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଟାସରା ଗ୍ରାମ ହରିଜନ ସାହିର ଯୁଗଳ କିଶୋର ନାଏକ ଓରଫ ଟିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ପୋଲିସ କହିଛି, ଶିବାନନ୍ଦଙ୍କଠାରୁ ଯୁଗଳ ଗାଡି ବନ୍ଧକ ଦେଇ ଟଙ୍କା ଆଣିଥିଲେ। ଶିବାନନ୍ଦ ଟଙ୍କା ମାଗିବାରୁ ଯୁଗଳ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଯୁଗଳ ଟଙ୍କା ଫେରାଇ ଦେବେ ବୋଲି କହି ଶିବାନନ୍ଦଙ୍କୁ ଟାସରା ବିଦ୍ୟାଳୟ ନିକଟକୁ ଡାକିଥିଲେ। ଶିବାନନ୍ଦ ସେଠାକୁ ଆସିବା ପରେ ଲୁଚି ରହିଥିବା ଯୁଗଳ ଏକ ଇଟାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଶିବାନନ୍ଦ ବେହୋସ ହୋଇଯିବାପରେ ଛୁରିରେ ତାଙ୍କ ବେକ କାଟି ବସ୍ତା ଭିତରେ ମୃତଦେହ ଭର୍ତ୍ତି କରି ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଥିବା ପରିତ୍ୟକ୍ତ କୂଅରେ ଉକ୍ତ ବସ୍ତାକୁ ପକାଇ ଦେଇଥିଲେ। ଏହାସହିତ ଶିବାନନ୍ଦଙ୍କ ବାଇକ କୂଅ ଭିତରେ ପକାଇ ଦେଇ ଯୁଗଳ ଫେରାର ହୋଇଯାଇଥିଲେ। ଏ ନେଇ ନଂ.୨୦୫/୧୮ ରେ ଏକ ମାମଲା ରୁଜୁ ହୋଇଥିଲା।

### ବ୍ୟାପକ ଅବହେଳାର ଶିକାର କନ୍ତାମିଳା ଗ୍ରାମ

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ହିନ୍ଦୋଳ,୧୫।୧୧(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ କନ୍ତାମିଳା ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହି ଅବସରରେ ଗ୍ରାମର ବିଭିନ୍ନ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗମନାଗମନ ଏବଂ ଜଳସେଚନ ସ୍ଥିତି ସମ୍ପର୍କରେ ପଆଲୋକପାତ କରାଯାଇଥିଲା। ସେହିପରି ଜଳ ସେଚନ ନିମନ୍ତେ ଗ୍ରାମରେ ଏକ ପ୍ରକଳ୍ପ ଅଧପନ୍ତରିଆ ପଡିଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ଉଠିଥିଲା। ଗ୍ରାମରେ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ନ ଥିବାରୁ ଲୋକେ ହିନ୍ଦୋଳ ଏବଂ ଅନୁଗୋଳକୁ ଯାଉଥିବା ଏବଂ ଏଥିପାଇଁ ବହୁ ହଇରାଣ ହରକତ ହେଉଥିବା ସମ୍ମିଳନୀରେ ପ୍ରକାଶ ପାଇଥିଲା। ଗ୍ରାମର ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଭିତ୍ତିଭୂମି ଓ ଶିକ୍ଷକ ସମସ୍ୟା ଲାଗିରହିଛି। ନିକଟରେ ଉଚ୍ଚ ବିଦ୍ୟାଳୟର ଜନୈକ ଶିକ୍ଷକଙ୍କ ନାମରେ ଆସିଥିବା ଅସଦାଚରଣ ଅଭିଯୋଗକୁ ଗ୍ରାମବାସୀ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଅଭିହିତ କରିବା ସହ ୭ ଦିନ ମଧ୍ୟରେ ସେଠାରେ ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନକୁ କରାଯିବ ବୋଲି ଗ୍ରାମ ସଭାପତି ଅଶୋକ ସାମନ୍ତ, ସମ୍ପାଦକ ଜ୍ଞାନୀ ବିଶ୍ୱାଳ, ଲକ୍ଷ୍ମୀଧର ଭଞ୍ଜ, କୃଷ୍ଣ କୁମାର ଭଞ୍ଜ, ଉଗ୍ରସେନ ଅମାନ୍ତ, ଦୁଷ୍ମନ୍ତ ଅମାନ୍ତଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ